ହାମାର୍ ଜଙ୍ଗଲ ପଏଦୁଆର୍

# ଶାଳ ପତ୍ର



୨

SEWAK

Strengthening Rural & Tribal Communities



# ଶାଳପତ୍ର

**ପ୍ରସ୍ତୁତି : ସେବକ**

ରଙ୍ଗିଆମୁଣ୍ଡା, ସୁନ୍ଦରଗଡ଼

**ପ୍ରକାଶକ :**

**ସେବକ**

ସେବକ ପରିସର, ରଙ୍ଗିଆମୁଣ୍ଡା, ପୋ : ଟାଙ୍ଗରପାଲି

ଜିଲ୍ଲା : ସୁନ୍ଦରଗଡ଼-୭୭୦୦୧୧ (ଓଡ଼ିଶା)

ଦୂରଭାଷ: (୦୬୬୨୨)୨୩୭୧୪୬,

ଫ୍ୟାକ୍ସ : (୦୬୬୨୨)୨୩୭୧୨୪

Email:sewaksundargarh@rediffmail.com

Website: www.sewak.org

**ପ୍ରକାଶନ ସମୟ :** ଅଗଷ୍ଟ, ୨୦୧୨

**ପୃଷ୍ଠା ବିନ୍ୟାସ ଓ ମୁଦ୍ରଣ :**

ଜଗନ୍ନାଥ ପ୍ରିଣ୍ଟର୍ସ

ପୁରୁଣା ଭୁବନେଶ୍ୱର - ୨

# ମୁଖବନ୍ଧ

ଆବାହମାନ କାଳରୁ ଜଙ୍ଗଲଜାତ ଦ୍ରବ୍ୟ ଆଦିମ ବନବାସୀମାନଙ୍କ ଜୀବନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି। ସେମାନେ ମୁଖ୍ୟତଃ ଏହି ଜଙ୍ଗଲ ଜାତ ଦ୍ରବ୍ୟ ସଂଗହ କରି ତାଙ୍କର ଜୀବନ ଜୀବିକା ନିର୍ବାହ କରିଥାଆନ୍ତି। ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଆମ ରାଜ୍ୟର ୨୫% ଜନବସତି ଏହି ଜଙ୍ଗଲମାନଙ୍କରେ ହିଁ ବସବାସ କରିଥାଆନ୍ତି। ଯେହେତୁ ପଶ୍ଚିମ ଓଡ଼ିଶାରେ ଏହି ବନବାସୀମାନଙ୍କର ସଂଖ୍ୟା ଯଥେଷ୍ଟ ଏବଂ ବର୍ଷର ବିଭିନ୍ନ ସମୟରେ ସେମାନେ ବିଭିନ୍ନ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରିଥାଆନ୍ତି। ତେଣୁ ଆମ ପାଇଁ ଏହା ଏକ ପରମ କର୍ତ୍ତବ୍ୟ ଯେ, ପ୍ରକୃତରେ ଏହି ନିରୀହ ସରଳ ସଂପ୍ରଦାମାନେ ଯେମିତି ଠକାମିର ଶିକାର ନହେବେ ତା ସହିତ ତାଙ୍କର ଉଚିତ ପ୍ରାପ୍ୟ ସେମାନେ ପାଇ ପାରିବେ।

ତେଣୁ ଏହି ପୁସ୍ତକ ମାଧ୍ୟମରେ ଆମେ ଚେଷ୍ଟା କରିଛୁ ଜଙ୍ଗଲ ଜାତ ଦ୍ରବ୍ୟଗୁଡ଼ିକ ଉପରେ ସବିଶେଷ ସୂଚନା ଯେମିତି ଜନସାଧାରଣଙ୍କ ପାଖରେ ପହଞ୍ଚିପାରିବ।

ଆମର ଏହି ସଂସ୍କରଣରେ ଆମେ ଶାଳପତ୍ରକୁ ପ୍ରାଧାନ୍ୟ ଦେଇଛୁ। ତେଣୁ ଯଦି କିଛି ସୂଚନା ଛାଡ଼ି ହୋଇଥାଏ ତାହେଲେ ଆପଣମାନଙ୍କର ମତାମତ ନିଶ୍ଚିତ ଭାବରେ ଆମର ପ୍ରୟୋଜନୀୟ।

ଧନ୍ୟବାଦ

ପ୍ରଦୀପ କୁମାର ବ୍ରହ୍ମ

ସଂପାଦକ, ସେବକ

# ଶାଳପତ୍ର

ଶାଳକୁ ବିଭିନ୍ନ ଭାଷାରେ ବିଭିନ୍ନ ନାମରେ ନାମିତ କରିଥାଆନ୍ତି । ଓଡ଼ିଆ : ଶାଳ, ଶାଳୁଆ, ଆଦିବାସୀ : ସର୍ଗି, ରେଙ୍ଗାଲ, ଇଂରାଜୀ : ଶାଲ୍, ଡ୍ୟାମର ତ୍ରିଶାଳ ଗଛ ଭାରତର ଏକ ଅତି-ପରିଚିତ ତଥା ବହୁଳ ପରିବ୍ୟାପ୍ତ ଉଭିଦ । ବୈଜ୍ଞାନିକମାନେ ଏହାକୁ ଶୋରିଆ ରୋବଷ୍ଟା (*Shorea robusta*) ନାମରେ ଜାଣନ୍ତି । ଗଛଟି ପ୍ରାୟ ୪୫ ମିଟର ପର୍ଯ୍ୟନ୍ତ ଉଚ୍ଚ ହୁଏ ଏବଂ ପୂର୍ବ-ତଥା ମଧ୍ୟ ଭାରତରେ ଏହାର ବିସ୍ତୀର୍ଣ୍ଣ ଜଙ୍ଗଲମାନ ଦେଖିବାକୁ ମିଳେ ।

ସଂସ୍କୃତରେ ଶାଳ ଗଛର ଗୋଟିଏ ନାମ 'ଚିରପର୍ଣ୍ଣା' ଅର୍ଥାତ୍ ଏଥିରେ ସର୍ବଦା ପତ୍ର ରହିଥାଏ । ସେ ଦୃଷ୍ଟିରୁ ଦେଖିଲେ ଏହା ଏକ ଚିରହରିତ ବୃକ୍ଷ ବା ପତ୍ର ଝଡ଼ା ଦେଉଥିବା ଗଛ ହେବା କଥା, କିନ୍ତୁ ବୈଜ୍ଞାନିକମାନେ ଏହାକୁ ପର୍ଣ୍ଣମୋଚି ଶ୍ରେଣୀଭୁକ୍ତ କରିଛନ୍ତି କାରଣ ଶୀତ ଋତୁର ଶେଷ ଭାଗରେ ଏ ଗଛ ପତ୍ର ଝଡ଼ା ଦିଏ ଏବଂ ମାର୍ଚ୍ଚ ମାସ ସୁଦ୍ଧା ନୂଆ ପତ୍ରରେ ଭରିଉଠେ । କିନ୍ତୁ ଗଛର ସମ୍ପୂର୍ଣ୍ଣ ଅବସ୍ଥା ଏତେ କ୍ଷଣସ୍ଥାୟୀ ଯେ ପ୍ରାୟ ସାରା ବର୍ଷ ଏହା ଚିରହରିତ ଗଛଟିଏ ପରି ଦେଖାଯାଏ । ସେଥିପାଇଁ, କେହି କେହି ଏହାକୁ ବରଂ ଅର୍ଦ୍ଧ-ପର୍ଣ୍ଣମୋଚି ଗଛ ବୋଲି କହିଥା'ନ୍ତି ।

ଶାଳ ପତ୍ର ପ୍ରାୟ ୧୦ରୁ ୩୦ସେ.ମି. ଲମ୍ବ ତଥା ୫ରୁ ୧୮ ସେ.ମି. ଚଉଡ଼ା ହୋଇଥାଏ । ପରିଣତ ଅବସ୍ଥାରେ ଏହା ଉଜ୍ଜ୍ୱଳ ଦେଖାଯାଏ ଏବଂ ଖଲି ତଥା ଦନା ତିଆରି ପାଇଁ ବ୍ୟବହାର କରାଯାଏ । ବସ୍ତୁତଃ, ଖଲି / ଦନା ତିଆରି ପାଇଁ ବ୍ୟାପକ ଭାବେ ବ୍ୟବହୃତ ହେବା ଫଳରେ ଏହା ବ୍ୟବସାୟିକ ଗୁରୁତ୍ୱଲାଭ କରିଛି ।

## ପ୍ରକାର ଭେଦ

ଗଛର ବୟସ, ସ୍ଥାନୀୟ ଜଳବାୟୁ ତଥା ଭୂତାତ୍ତ୍ୱିକ ସ୍ଥିତି ଏବଂ ଋତୁ ଭେଦରେ ଶାଳ ପତ୍ରରେ କେତେକ ପାର୍ଥକ୍ୟ ଦେଖା ଦେଇପାରେ । ଯଥା: ମାର୍ଚ୍ଚ ବେଳକୁ ଆସୁଥିବା ନୂଆ ପତ୍ର ପତଳା କିନ୍ତୁ ଅଧିକ ଉତ୍କୃଷ୍ଟ । ସେହିପରି, ସମତଳ ଅଞ୍ଚଳର ଶାଳ ଜଙ୍ଗଲ ତୁଳନାରେ ପାହାଡ଼ିଆ ଜଙ୍ଗଲର ଗଛ ବିଳମ୍ବରେ ପତ୍ରଝଡ଼ା ଦେଇଥାଏ ଏବଂ ଏହାର ପତ୍ର ସମତଳ ଅଞ୍ଚଳର ପତ୍ର ତୁଳନାରେ ଉତ୍କୃଷ୍ଟ ବୋଲି କେହି କେହି କୁହନ୍ତି ।

ପ୍ରକ୍ରିୟାକରଣ ପଦ୍ଧତିରେ ଥିବା ପାର୍ଥକ୍ୟ ନେଇ ମଧ୍ୟ ପତ୍ରର ମାନ ସମ୍ପର୍କରେ ଭିନ୍ନ ଭିନ୍ନ ବିଚାର ରହିଛି । ଯେଉଁମାନେ ପତ୍ରକୁ ପ୍ରଥମେ ସିଲାଇ କରି ତା'ପରେ

ଶୁଖାନ୍ତି, ସେମାନଙ୍କ ପାଇଁ ଛାଇରେ ବଢ଼ିଥିବା (ଗଛରେ) ପତ୍ର ଅଧିକ ଉପଯୋଗୀ ଯେହେତୁ ଏହା ଅଧିକ ନରମ । ଅପର ପକ୍ଷରେ ପତ୍ରକୁ ପ୍ରଥମେ ଶୁଖାଇ ସିଲାଇ କରୁଥିବା ଲୋକଙ୍କ ପାଇଁ ଖରାରେ ବଢ଼ିଥିବା ପତ୍ର ଉପଯୋଗୀ କାରଣ ଖରା ଖାଉଥିବାରୁ ଏଭଳି ପତ୍ରକୁ ଶୁଖାଇଲେ କଳା ପଡ଼ିଯିବାର ସମ୍ଭାବନା କମ୍ । ତେବେ ଅନେକେ ଏଭଳି ପାର୍ଥକ୍ୟକୁ ଗ୍ରହଣ କରନ୍ତି ନାହିଁ ।

## ବ୍ୟବହାର

ଖଲି ପତ୍ର ତଥା ଚଉପଦି ଓ ଦନା ତିଆରି ହିଁ ଶାଳ ପତ୍ରର ପ୍ରଧାନ ଉପଯୋଗିତା । ବହୁ କାଳରୁ ଆଦିବାସୀ / ଜଙ୍ଗଲ ଅଞ୍ଚଳରେ ଏଭଳି ପରମ୍ପରା ରହିଆସିଥିଲା, କିନ୍ତୁ ଏହାର ବ୍ୟବସାୟିକ ପ୍ରସାର ତଥା ଶିଳ୍ପାୟନ ହେଲା ପ୍ରାୟ ୩୦ ବର୍ଷ ତଳେ ।

ଅନ୍ୟାନ୍ୟ ଉପଯୋଗିତା ମଧ୍ୟରେ ପାନଦୋକାନୀ ମାନେ ପାନଗୁଡ଼ାଇ ଦେବାପାଇଁ ତଥା ଜଳଖିଆ / ଗୁପଚୁପ୍ ଦୋକାନୀ ଗ୍ରାହକଙ୍କୁ ଠୋଲାରେ ନିଜ ଜିନିଷ ଦେବାପାଇଁ ବ୍ୟବହାର କରିଥା'ନ୍ତି ।

## ଅମଳ ପଦ୍ଧତି, ପ୍ରକ୍ରିୟାକରଣ ତଥା ଲାଭକ୍ଷତିର ହିସାବ

ତୋଳାଳିମାନେ ଖୁବ୍ ସକାଳୁ ଶାଳ ପତ୍ର ତୋଳିବା ପାଇଁ ବାହାରି ଯା'ନ୍ତି ଏବଂ ଖରା ପ୍ରବଳ ହେବାପୂର୍ବରୁ ଫେରି ଆସନ୍ତି । ପ୍ରାୟ ୪ଘଣ୍ଟା ମଧ୍ୟରେ ଜଣେ ଜଙ୍ଗଲରୁ ପ୍ରାୟ ୨୦୦୦ ପତ୍ର ତୋଳି ଆଣିପାରେ, ତେବେ ଜଙ୍ଗଲ କେତେ ଦୂରରେ ଅଛି, ପତ୍ର କେତେ ଉପରେ ଅଛି, ଗୋଟିଏ ଜଙ୍ଗଲରେ ଏକ ସଙ୍ଗେ କେତେ ତୋଳାଳି ପତ୍ର ତୋଳୁଛନ୍ତି, ତଥା ତୋଳାଳିର ଶାରୀରିକ ସାମର୍ଥ୍ୟକୁ ନେଇ ତୋଳିବାର ପରିମାଣରେ ପାର୍ଥକ୍ୟ ରହିପାରେ ।

କଅଁଳ ତଥା ବୁଢ଼ା ପତ୍ରକୁ ବାଦ୍ ଦେଇ ଅନ୍ୟପତ୍ର (ଅର୍ଦ୍ଧ-ପରିଣତ)ଗୁଡ଼ିକୁ ତୋଳି ଅଣାଯାଏ । ରୋଗା ତଥା କଣା ଥିବା ପତ୍ରକୁ ତୋଳାଳୀ ବାଦ ଦେଇଥାଏ ।

ପତ୍ରଝଡ଼ା ଦେଇ ଗଛରେ ନୂଆ ପତ୍ର ଆସିବା ସମୟରେ ପତ୍ରତୋଳାର ପରିମାଣ ସର୍ବନିମ୍ନ ହୋଇଥିବା ବେଳେ କ୍ରମେ ଏହା ବୃଦ୍ଧି ପାଇ ସେପ୍ଟେମ୍ବରରୁ ଜାନୁଆରୀ ବେଳକୁ ସର୍ବାଧିକ ହୋଇଯାଏ । ବର୍ଷାଦିନେ କଣାପତ୍ର ତଥା ପୋକ ପ୍ରବଳ ହୋଇଥିଲେ ତୋଳିବାର ପରିମାଣ କମିଯାଏ ।

ପତ୍ର ତୋଳିବା ସମୟକୁ ହିସାବକୁ ନେଲେ ଏକ ହଜାର ଦିପତ୍ରୀ ତିଆରି କରିବାପାଇଁ ଜଣଙ୍କୁ ପ୍ରାୟତଃ ୨ଟି ଶ୍ରମଦିବସ ଦରକାର ହୁଏ, ତେଣୁ ସେ ବାବଦରେ ସରକାରୀ ମଜୁରି (ସର୍ବନିମ୍ନ) ଦୃଷ୍ଟିରୁ ସେ ଅନ୍ତତଃ ୧୨୫ଟଙ୍କାରୁ ଅଧିକ ପାଇବା କଥା, କିନ୍ତୁ ତାକୁ ମିଳେ ମାତ୍ର ୫୦ରୁ ୬୪୦ଟଙ୍କା । ଅନେକ ଅଞ୍ଚଳରେ, ବିଶେଷତଃ ଯେଉଁଠି ଖଲି / ଦନା ତିଆରି ଯନ୍ତ୍ର ନାହିଁ, ଲୋକେ ଦ୍ୱିପତ୍ରୀ ତିଆରି କରନ୍ତିନାହିଁ, ବରଂ ପତ୍ର ତୋଳିବା ପରେ ଖଲି ବା ଦନା ସିଲାଇ କରିଦିଅନ୍ତି । ଏଥିପାଇଁ ସେମାନଙ୍କୁ ଅନେକ ରାତି ପର୍ଯ୍ୟନ୍ତ କାମ କରିବାକୁ ପଡ଼େ । ସିଲାଇ ହୋଇଥିବା ଖଲି/ଦନାକୁ ଖରାରେ ଗୋଟି ଗୋଟି କରି କିମ୍ବା ବିଡ଼ା ବାନ୍ଧି ଶୁଖାଯାଏ । ଆଂଶିକ ଛାଇରେ ଶୁଖାଇଲେ ପତ୍ର ମଡ଼ ମଡ଼ ହେବା ତଥା ରଙ୍ଗ ଉଡ଼ିଯିବାର ଆଶଙ୍କା କମିଯାଏ ।

ପତ୍ର ତୋଳିବା ସମୟ ହିସାବକୁ ନେଲେ ଜଣେ ଲୋକ ୩୦୦ଟି ଖଲି ତିଆରି କରିବା ପାଇଁ ଦୁଇଟି ଶ୍ରମଦିବସ ଆବଶ୍ୟକ କରେ । ଜଣେ କୁଶଳୀ ମହିଳା ସେତିକି ସମୟ ମଧ୍ୟରେ ପ୍ରାୟ ୩୫୦ରୁ ୪୦୦ଟି ଖଲି ତିଆରି କରି ପାରନ୍ତି । ପତ୍ରର ଆକାର ଅନୁଯାୟୀ ଖଲି ତଥା ଦନାରେ କେତୋଟି ସଂଖ୍ୟାର ପତ୍ର ଦରକାର ହେବ ତାହା ନିର୍ଭର କରିଥାଏ । ବିଭିନ୍ନ ଆବଶ୍ୟକତାକୁ ନେଇ ଦନାର ଆକାର ମଧ୍ୟ ଛୋଟ ବଡ଼ ହୋଇଥାଏ । ସାଧାରଣ ଦନା ନିମନ୍ତେ ଦୁଇଟି ପତ୍ର ଆବଶ୍ୟକ ହେଉଥିବା ସ୍ଥଳେ ବଡ଼ ଦନା ନିମନ୍ତେ ଚାରୋଟି ପତ୍ର ଆବଶ୍ୟକ ହୋଇଥାଏ ।

ଖଲିର ବିଭିନ୍ନ ଆକାରକୁ ନେଇ ପତ୍ରର ପରିମାଣ ମଧ୍ୟ ନିର୍ଭର କରେ । ମଧ୍ୟମ ଆକାରର (ପ୍ରାୟ ୧୨ରୁ ୧୪ ଇଞ୍ଚ ବ୍ୟାସ ବିଶିଷ୍ଟ) ଖଲି ତିଆରି ପାଇଁ ଅନ୍ତତଃ ୬ରୁ ୭ଟି ପତ୍ର ଦରକାର ହୁଏ । ଅପର ପକ୍ଷରେ ଅତିବଡ଼ ଖଲି ଅର୍ଥାତ୍ ୧୫ରୁ ୨୦ ଇଞ୍ଚ ପାଇଁ ୧୨ରୁ ୧୪ଟି ପତ୍ର ଦରକାର ହୁଏ ।

ଖଲି ପ୍ରସ୍ତୁତକାରୀମାନେ ସାଧାରଣତଃ ସ୍ଥାନୀୟ ଜଙ୍ଗଲରୁ ଅଣାଯାଇଥିବା ବାଉଁଶରୁ ନିଜେ ଖଡ଼ିକା ତିଆରି କରିଥା'ନ୍ତି । ଶହେ ଖଲି ତିଆରି ପାଇଁ ଆବଶ୍ୟକ ଖଡ଼ିକାର ମୂଲ୍ୟ ପ୍ରାୟ ତିନି ଟଙ୍କା ହେବ ବୋଲି କେହି କେହି କହୁଥିବା ବେଳେ କେତେକ ଅଞ୍ଚଳରେ, ଯେଉଁଠି ବାଉଁଶ କିଣିବାକୁ ହୁଏ, ଖଡ଼ିକା ତିଆରିର ପରିଶ୍ରମକୁ ହିସାବକୁ ନେଲେ ଏହି ମୂଲ୍ୟ ଯଥେଷ୍ଟ ଅଧିକ ହୋଇ ପାରେ ।

ସର୍ବନିମ୍ନ ଦୈନିକ ମଜୁରିକୁ ଅନ୍ତତଃ ଟ ୧୨୫ ରଖିଲେ ୩୦୦ ଖଲିକୁ ୨ଟି ଶ୍ରମଦିବସ ହିସାବରେ ୨୫୦ଟଙ୍କା ମଜୁରୀ ମିଳିବା ଉଚିତ୍ । ସେହି ହିସାବ ଅନୁସାରେ ୧୦୦ଟି ଖଲିକୁ ୮୩ ଟଙ୍କା ମିଳିବ । ମାତ୍ର ଜଣେ ଖଲି ପ୍ରସ୍ତୁତକାରୀ ଏହି ବାବଦକୁ

୫୦ଟଙ୍କା ପର୍ଯ୍ୟନ୍ତ ପାଇଥାଏ । ଯଦି ବେପାରୀ ଏହାକୁ ମାନି ବି ନିଏ, ତା'ହେଲେ ବଜାରରେ ଖଲିର ଦାମ ପ୍ରବଳ ବଢ଼ିଯିବ ଯାହା ଫଳରେ କି ତା'ର ବିକ୍ରି ମଧ୍ୟ କମିଯିବ ଏବଂ ଶେଷରେ ଏହାର ପରିଣାମ ସେଇ ଖଲି ପ୍ରସ୍ତୁତକାରୀଙ୍କୁ ହିଁ ଭୋଗିବାକୁ ପଡ଼ିବ କାରଣ ହାତ ତିଆରି ଖଲି ନେବାପାଇଁ ବେପାରୀ ହୁଏତ ଆଉ ଆଗ୍ରହ ପ୍ରକାଶ କରିବ ନାହିଁ ।

ଚାପ ଦିଆ ଖଲି ତିଆରି ଛାଞ୍ଚ ଭିତରେ, ଦୁଇଟି ହାତ ସିଲାଇ ଖଲିକୁ ରଖି ତା'ମଝିରେ ଖଣ୍ଡିଏ ନରମ ଜରି ଦେଲେ ଯନ୍ତ୍ରଦ୍ୱାରା ଗରମ ଚାପ ଦିଆଯିବା ପରେ ଖଲିଗୁଡ଼ିକ ଥାଳିରେ ପରିଣତ ହୁଅନ୍ତି ଓ ଗରମ ହୋଇଥିବା ଜରି ତରଳି ଅଠା ଭଳି ସେମାନଙ୍କୁ ଯୋଡ଼ି ରଖେ । ଦ୍ୱିପତ୍ର ମଝିରେ ଜରି ରଖି ଦନା ତିଆରି ଛାଞ୍ଚରେ ଏଇ ପଦ୍ଧତିରେ ଚାପାଦନା (ପ୍ରେସ୍‌ଡ଼ ଦନା) ତିଆରି ହୋଇଥାଏ ।

୧୨ ଇଞ୍ଚ ବ୍ୟାସ ବିଶିଷ୍ଟ ୩୫୦ଟି ବାପା ଖଲି ପ୍ରସ୍ତୁତି ପାଇଁ ୭୦୦ଟି ସାଦା ଖଲି ଆବଶ୍ୟକ । ଏହାର ହାରାହାରି ଉତ୍ପାଦନ ଖର୍ଚ୍ଚ ନିମ୍ନରେ ଦିଆଗଲା:

| | | |
|---|---|---|
| ହାତ ସିଲେଇ ଖଲିର ମୂଲ୍ୟ | : | ଟ. ୫୦ |
| ମଜୁରି | : | ଟ. ୨୫ |
| ବିଦ୍ୟୁତ୍ ଶକ୍ତି | : | ଟ. ୧୩ |
| ଜରି ତଥା ପ୍ୟାକିଂଗ | : | ଟ. ୧୦ |
| ଅନ୍ୟାନ୍ୟ | : | ଟ. ୦୯ |
| ମୋଟ | : | **ଟ. ୧୦୭ଙ୍କା** |

ଅପର ପକ୍ଷରେ, ୨୧୦୦ ଚାପା ଦନା ତିଆରି ପାଇଁ ଉତ୍ପାଦନ ଖର୍ଚ୍ଚ ପ୍ରାୟ ୯୫ ରୁ ୧୦୦ ଟଙ୍କା ହୋଇଥାଏ । ତେବେ ସ୍ମରଣଯୋଗ୍ୟ ଯେ ଉତ୍ପାଦନ ସମୟରେ ନଷ୍ଟ ହେଉଥିବା କଞ୍ଚାମାଲ ଅଥବା ଖଲି / ଦନାର ପରିମାଣ ଯଦି ବଢେ କିମ୍ବା ବିଭିନ୍ନ ଆନୁଷଙ୍ଗିକ ଖର୍ଚ୍ଚ ଯଦି ବୃଦ୍ଧି ପାଏ, ତେବେ ମୋଟ ଖର୍ଚ୍ଚ ମଧ୍ୟ ସେହି ଅନୁପାତରେ ବଢ଼ିବ । ଅପର ପକ୍ଷରେ, ଉତ୍ପାଦନକାରୀ ଯଦି କମ୍ ମଜୁରି ଦିଏ କିମ୍ବା ଅନ୍ୟ ଧରଣର ଅନୈତିକ କାମ କରେ (ଯଥା: 'ବିଦ୍ୟୁତ ଚୋରି) ତେବେ ଏହି ଖର୍ଚ୍ଚ କମିଯାଇପାରେ । ଖଲି / ଦନା ତିଆରି ଯନ୍ତ୍ର ବିଦ୍ୟୁତ୍ ଶକ୍ତି କିମ୍ବା ତେଲଚାଳିତଯନ୍ତ୍ର ଦ୍ୱାରା ଚାଲିଥାଏ । ବୈଦୁତିକ ଯନ୍ତ୍ର ବିଶେଷ ବ୍ୟବହୃତ ହୁଏ କାରଣ ଏହାର ବ୍ୟବହାର ସହଜ ଏବଂ ଏଥିରେ ଚାପ ପ୍ରୟୋଗ ସମୟରେ ପ୍ରୟୋଜନୀୟ ତାପମାତ୍ରାକୁ ସ୍ଥିର ରଖିବା ସମ୍ଭବ ହୁଏ ଯାହା ତେଲ-

ଚାଳିତ ଯନ୍ତ୍ରରେ ହେବା କଷ୍ଟକର । କିନ୍ତୁ ତେଲ-ଚାଳିତ ଯନ୍ତ୍ର ବିଦ୍ୟୁତ ଶକ୍ତି ନଥିବା ଅଞ୍ଚଳରେ କାମ କରିପାରେ । ବର୍ତ୍ତମାନ ଖଡ଼ଗପୁର ସ୍ଥିତ ଆଇ.ଆଇ.ଟି. ଜୈବବସ୍ତୁ (Bio-mass ଯଥା କାଠ ବା ଶୁଖିଲା ପତ୍ର) ଦ୍ୱାରା ଚାଲି ପାରୁଥିବା ଯନ୍ତ୍ରର ବିକାଶ କରିଛନ୍ତି ।

ଅଠା ରୂପେ କାମ କରିବାପାଇଁ ଯେଉଁ ଜରି (Polythene) ବ୍ୟବହାର ହୁଏ, ତାହା ପରିବେଶ ତଥା ଜୀବଜନ୍ତୁଙ୍କ ନିମନ୍ତେ କ୍ଷତିକାରକ; କାରଣ ଜରିର ପ୍ରାକୃତିକ କ୍ଷୟ / ବିଘଟନ ସହଜରେ ହୁଏନାହିଁ ଏବଂ ଫୋପାଡ଼ି ଦିଆଯାଇଥିବା ଖଲି / ଦନାକୁ ଗାଈଗୋରୁ ଖାଇଲେ ଏହି ଜରି ସେମାନଙ୍କ ପେଟକୁ ଯାଏ । ଏ ସମସ୍ୟାର ସମାଧାନ ପାଇଁ ଖାଦ୍ୟୋପଯୋଗୀ ଜରି ବା ଅଠାର ପ୍ରୟୋଗ ଏକ ଉପାୟ, କିନ୍ତୁ କିଛିଦିନ ପରେ ଏଥିରୁ ଦୁର୍ଗନ୍ଧ ହେଉଥିବାର ଦେଖାଯାଇଛି । ଅପର ପକ୍ଷରେ ଅଠା ବ୍ୟବହାର ନକରି ଖଲିର ଧାରଗୁଡ଼ିକୁ ଯନ୍ତ୍ର ଦ୍ୱାରା ସିଲାଇ କରିଦେଲେ ହେବ, କିନ୍ତୁ ଏଥିରେ ଖର୍ଚ୍ଚ ବଢ଼ିଯିବ, ତା'ଛଡ଼ା ଅନ୍ୟାନ୍ୟ ସମସ୍ୟା ମଧ୍ୟ ରହିଛି । କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ ପୂର୍ବରୁ ଯେତିକି ପରିମାଣର ଜରି ବ୍ୟବହାର ହେଉଥିଲା, ବର୍ତ୍ତମାନ ତାହା ଖୁବ୍ କମି ଯାଇଛି (ସମ୍ଭବତଃ ଉତ୍ପାଦନ ଖର୍ଚ୍ଚ କମାଇବା ପାଇଁ) । ଏଭଳି ଚାପ ଦିଆଯାଉଥିବା ଖଲି ଦନା ପ୍ରସ୍ତୁତ କରାଯାଉଛି, ଯେଉଁଥିରେ ଆଦୌ କୌଣସି ଜରି ବା ଅଠା ନଥାଇ ମଧ୍ୟ ଆକାର ଠିକ୍ ରହି ପାରୁଛି । ଯଦିଓ ଦନାର ଦୃଢ଼ତା କିଛି ପରିମାଣରେ କମ୍ ରହୁଛି (କାରଣ ଉପର ପତ୍ର ଓ ତଳ ପତ୍ର ଭଲ ଭାବେ ଯୋଡ଼ି ହୋଇନଥା'ନ୍ତି) । ଆମର ବିଶ୍ୱାସ ଯେ ଦୃଢ଼ତା କିଛିଟା କମିଲେ ମଧ୍ୟ ଏଭଳି ଖଲି / ଦନାର ବ୍ୟବହାର ହିଁ ହିତକର ।

ଯନ୍ତ୍ର ତିଆରି ଖଲି ଓ ଦାନାଗୁଡ଼ିକୁ ଜରି ଅଖାରେ ଭର୍ତ୍ତି କରାଯାଇ ବିଭିନ୍ନ ସ୍ଥାନକୁ ପଠାଯାଇଥାଏ । ତେବେ ହାତ ତିଆରି ଖଲି / ଦନା ପାଇଁ ବିଶେଷ ଯତ୍ନ ନିଆଯାଇ ନଥାଏ ।

ଖଲି ଓ ଦନାଗୁଡ଼ିକ କିଛି ମାସ ପରେ ଶୁଖି ମଡ଼ ମଡ଼ ହୋଇଯାଏ, ତେଣୁ ବ୍ୟବହାର କରିହୁଏ ନାହିଁ । ବର୍ଷାରେ ରହିଲେ ଏଗୁଡ଼ିକ ନଷ୍ଟ ହୋଇଯାଏ ଏବଂ ବର୍ଷା ସମୟର ପବନ ବାଜିଲେ ତା'ର ରଙ୍ଗ ଉଡ଼ିଯାଇ ଲାଲ ହୋଇଯିବା ସହିତ ପତ୍ର ମଧ୍ୟ ଦୁର୍ବଳ ହୋଇଯାଏ । ତେଣୁ ଏଗୁଡ଼ିକୁ ଠିକ୍ ଭାବେ ସାଇତି ରଖିବାକୁ ହୁଏ । ସାଧାରଣତଃ, ତିଆରି ହେବାର ତିନିମାସ ପର୍ଯ୍ୟନ୍ତ ଏଗୁଡ଼ିକ ବ୍ୟବହାର-ଉପଯୋଗୀ ହୋଇଥାଏ ।

## ଶାଳ ପତ୍ର ସମ୍ପର୍କିତ ସରକାରୀ ନୀତି

ସ୍ୱାଧୀନତା ପୂର୍ବରୁ କେତେକ ଗଡ଼ଜାତ / ଜମିଦାରୀରେ ବିଭିନ୍ନ ପତ୍ରର ବ୍ୟବସାୟିକ ସଂଗ୍ରହ ପାଇଁ ଫି' ବା ମହାସୁଲ ନିର୍ଦ୍ଦିଷ୍ଟ ଥିଲା । ତଦନୁଯାୟୀ ନୀଳଗିରି ଏବଂ ମୟୁରଭଞ୍ଜ ଗଡ଼ଜାତରେ ଶାଳ ପତ୍ର ସଂଗ୍ରହ ପାଇଁ ଯଥାକ୍ରମେ ମହଣ ପ୍ରତି ୯ ପାହି (ଗୋଟିଏ ଅଣା ୧୨ ପାହି) ଏବଂ ଭାର ପ୍ରତି ଏକ ଅଣା (ଯଦି ରାଜ୍ୟ ବାହାରକୁ ପଠାଯାଉଥାଏ) ଧାର୍ଯ୍ୟ ହୋଇଥିଲା ।

୧୯୭୭ ମସିହାର ଓଡ଼ିଶା ବନଜାତ ଦ୍ରବ୍ୟ ମୂଲ୍ୟାନୁସୂଚୀ ନିୟମାବଳୀ ରକ୍ଷିତ ଜଙ୍ଗଲରୁ ସମସ୍ତ ପ୍ରକାର ପତ୍ରର ସଂଗ୍ରହ ପାଇଁ କେତେ ଫି' ଧାର୍ଯ୍ୟ କରିଥିଲେ ମଧ୍ୟ ମୟୁରଭଞ୍ଜ ଭଳି କେତେକ ଜିଲ୍ଲା ପାଇଁ ଏଭଳି ବ୍ୟବସ୍ଥାର ଉଲ୍ଲେଖ ଏଥରେ ନାହିଁ । ସେହିପରି, ଓଡ଼ିଶା ବନଜାତ ଦ୍ରବ୍ୟ (ବ୍ୟବସାୟ ନିୟନ୍ତ୍ରଣ) ଅଧିନିୟମ, ୧୯୮୧ ଶିଆଳି ପତ୍ରକୁ ଏକ ନିୟନ୍ତ୍ରିତ ବନଜାତ ଦ୍ରବ୍ୟ (Specified Forest Produce) ରୂପେ ଘୋଷଣା କରିଥିବା ସତ୍ତ୍ୱେ ଶାଳପତ୍ର ପାଇଁ ଏଭଳି ଘୋଷଣା କରିନଥିଲା ଯଦିଓ ଉଭୟ ପତ୍ର ସମାନ କାମରେ ଲାଗିଥାଏ । ଏସବୁ ଦର୍ଶାଏ ଯେ ଶାଳ ପତ୍ରର ସଂଗ୍ରହ ଉପରେ ରାଜ୍ୟରେ କୌଣସି ବିଶେଷ କଟକଣା ନଥିଲା ।

ବ୍ୟାପକ ଶାଳ ପତ୍ର ସଂଗ୍ରହ ଶାଳ ଜଙ୍ଗଲ ପ୍ରତି କ୍ଷତିକାରକ ହେବ ବୋଲି ଚିନ୍ତା କରି ୧୯୯୧ ମସିହାରେ ସରକାର ନିଷ୍ପତ୍ତି କଲେ ଯେ ଏହାର ବ୍ୟବସାୟିକ ସଂଗ୍ରହ ପାଇଁ କୌଣସି ପଟ୍ଟା (ଲିଜ୍) ଦିଆଯିବ ନାହିଁ । ତେବେ, ଆଦିବାସୀ ଉନ୍ନୟନ ସମବାୟ ନିଗମ(ଟି.ଡି.ସି.ସି.)କୁ ନୟାଗଡ଼ ବନଖଣ୍ଡ ପାଇଁ ଏଭଳି ସଂଗ୍ରହର ଅଧିକାର ମିଳିଥିଲା ।

୨୦୦୦ ମସିହା ମାର୍ଚ୍ଚ ମାସରେ ସରକାର ଯେଉଁ ନୂତନ ଅଣକାଷ୍ଠ ବନଜାତ ଦ୍ରବ୍ୟ ନୀତି ପ୍ରଣୟନ କଲେ, ସେଥିରେ ଶାଳ ପତ୍ରକୁ ଲିଜ୍-ନିଷିଦ୍ଧ ଦ୍ରବ୍ୟ ରୂପେ ଘୋଷଣା କରାଗଲା ଏବଂ କୁହାଗଲା ଯେ କେବଳ ସରକାରୀ ସଂସ୍ଥା ହିଁ ଏଭଳି ଦ୍ରବ୍ୟର ବ୍ୟବସାୟିକ ସଂଗ୍ରହ ପାଇଁ ଅନୁମତି ପାଇ ପାରିବେ ଯଦି ସମ୍ପୃକ୍ତ ବନଖଣ୍ଡ ଅଧିକାରୀ ସୁନିଶ୍ଚିତ କରିବେ ଯେ ଏଭଳି ସଂଗ୍ରହ ଏହାର ଦୀର୍ଘସ୍ଥାୟୀତ୍ୱ ପ୍ରତି କ୍ଷତିକାରକ ହେବନାହିଁ । ତଦନୁଯାୟୀ, ଦୁଇଟି ସରକାରୀ ସଂସ୍ଥା ଯଥା, ଓଡ଼ିଶା ବନ ଉନ୍ନୟନ ନିଗମ (ଓ.ଏଫ୍.ଡି.ସି) ତଥା ଆଦିବାସୀ ଉନ୍ନୟନ ସମବାୟ ନିଗମ (ଟି.ଡି.ସି.ସି)କୁ ରାଜ୍ୟର ଚାରିଗୋଟି ବନଖଣ୍ଡ (ବାରିପଦା, କରଞ୍ଜିଆ, କେନ୍ଦୁଝର ତଥା ନୟାଗଡ଼) ପାଇଁ ୨୦୦୦-୦୧ ମସିହାରେ ଶାଳ ପତ୍ରର ବ୍ୟବସାୟିକ ସଂଗ୍ରହ ଲାଗି ଅଧିକାର ମିଳିଲା, ତେବେ ନିମ୍ନ ସର୍ତ୍ତ ଅନୁଯାୟୀ:

- ଶାଳ ପତ୍ର ସଂଗ୍ରହ କରାଯାଉଥିବା ଅଞ୍ଚଳରେ ଏକ ବନ ସଂରକ୍ଷଣ ସମିତି ରହିଥିବ ଏବଂ ପତ୍ର ସଂଗ୍ରହ ହେଉଥିବା ଜଙ୍ଗଲ ଲାଗି ମଞ୍ଜୁରିପ୍ରାପ୍ତ ଅଣୁଯୋଜନା ମଧ୍ୟ ଥିବ । ସମିତିର ସଦସ୍ୟମାନେ ଶାଳ ପତ୍ର ବା ଏହାର ଦନା/ଖଲିକୁ ଓ.ଏଫ୍.ଡ଼ି.ସି. ଅଥବା ଟି.ଡି.ସି.ସି.କୁ ବିକ୍ରି କରିବେ ।
- ପ୍ରତି ହେକ୍ଟର ଉଜୁଡ଼ା ଜଙ୍ଗଲରୁ (ଯାହାର ସୁରକ୍ଷା ପାଇଁ ବନ ସଂରକ୍ଷଣ ସମିତି ଗଠନ କରାଯାଇଥାଏ) ବାର୍ଷିକ ସର୍ବାଧିକ ଦେଢ କ୍ୱିଣ୍ଟାଲ ପତ୍ର ସଂଗ୍ରହ ପାଇଁ ଅନୁମତି ମିଳିବ ।
- ଶାଳ ଗଛର ମୁଖ୍ୟ ଡାଳରୁ ପତ୍ର ସଂଗ୍ରହ କରାନଯାଇ ତା'ର ଶାଖାଡାଳରୁ କେବଳ ପତ୍ର ସଂଗ୍ରହ ହେବ ।
- ବସନ୍ତ ଓ ବର୍ଷା ଋତୁରେ ପତ୍ର ସଂଗ୍ରହ ବନ୍ଦ ରହିବ ଇତ୍ୟାଦି ।

ପୂର୍ବୋକ୍ତ ସର୍ତ୍ତଗୁଡ଼ିକରୁ ଜଣାପଡ଼େ ଯେ ସରକାର ଶାଳ ଜଙ୍ଗଲର ସୁରକ୍ଷା ପାଇଁ ଏଗୁଡ଼ିକ ପ୍ରଣୟନ କରିଥିଲେ । ଏତଦ୍‌ବ୍ୟତୀତ, ପତ୍ରର ପରିବହନ ପାଇଁ ଅନୁମତି ପତ୍ର (ପରମିଟ) ଆବଶ୍ୟକ ଥିଲା ଏବଂ ସଂଗ୍ରହ ମୂଲ୍ୟର ୧୦% ରୟାଲଟ ଧାର୍ଯ୍ୟ କରାଯାଇଥିଲା । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ମାତ୍ର ଚାରିଗୋଟି ବନଖଣ୍ଡ ପାଇଁ ଏଭଳି ଲିଜ୍ ଦିଆଯାଇଥିଲା । କାରଣ ଶାଳ ପତ୍ରର ବ୍ୟାପକ ବ୍ୟବସାୟିକ ସଂଗ୍ରହ ତଥା ପ୍ରକ୍ରିୟାକରଣ ଗତିବିଧି ସାଧାରଣତଃ ଏହି ଅଞ୍ଚଳଗୁଡ଼ିକରେ ହିଁ ସୀମିତ ।

୨୭ ସେପ୍ଟେମ୍ବର ୨୦୦୨ ମସିହାରେ ସରକାର ତାଙ୍କର ଶାଳ ପତ୍ର ନୀତିରେ ନିମ୍ନ ସଂଶୋଧନ ମାନ ଘୋଷଣା କଲେ:

- ହେକ୍ଟର ପ୍ରତି ସର୍ବାଧିକ ସଂଗ୍ରହର ପରିମାଣ ୨ କ୍ୱିଣ୍ଟାଲ ରହିବ (ପୂର୍ବରୁ ଦେଢ଼ କ୍ୱିଣ୍ଟାଲ ଥିଲା)
- ସଂଗ୍ରହ କେବଳ ୪ଟି ବନଖଣ୍ଡରେ ସୀମିତ ନ ରହି ସମଗ୍ର ରାଜ୍ୟର ଯେକୌଣସି ଉଜୁଡ଼ା ଜଙ୍ଗଲରେ ହୋଇ ପାରିବ ।
- ଅଭୟାରଣ୍ୟ ତଥା ଜାତୀୟ ଉଦ୍ୟାନରେ ପତ୍ରର ବ୍ୟବସାୟିକ ସଂଗ୍ରହ ପାଇଁ ଅନୁମତି ମିଳିବ ନାହିଁ ।
- ବ୍ୟବସାୟୀମାନେ ସଂଗ୍ରହର ଅଧିକାର ପାଇବା ପାଇଁ ପଞ୍ଜିକରଣ ନିମନ୍ତେ ୧୫ ସେପ୍ଟେମ୍ବର ସୁଦ୍ଧା ଆବେଦନ କରିବେ ।

☛ ସଂଗ୍ରହ-ନିଷିଦ୍ଧ ଋତୁ କହିଲେ ୧ ଜାନୁଆରୀରୁ ୩୧ ମାର୍ଚ୍ଚ (ବସନ୍ତଋତୁ) ତଥା ୧ ଜୁନରୁ ୩୦ ସେପ୍ଟେମ୍ବର (ବର୍ଷାଋତୁ) ପର୍ଯ୍ୟନ୍ତ ସମୟକୁ ବୁଝାଇବ (ଆମ ଜଙ୍ଗଲ ଆମର, ଜାନୁଆରୀ ୨୦୦୩, ପୃ.୨୧)

ଏହି ସଂଶୋଧିତ ନୀତିରେ ବ୍ୟବସାୟୀ ତଥା ପ୍ରାଥମିକ ସଂଗ୍ରହକାରୀଙ୍କ ପାଇଁ କଟକଣା କିଛିଟା କୋହଳ କରାଯାଇଥିଲେ ମଧ୍ୟ ପଞ୍ଜିକରଣ ପାଇଁ ଆବେଦନ କରିବାର ଶେଷ ତାରିଖର ଦଶଦିନ ପରେ ଏହା ଘୋଷଣା କରାଯାଇଥିବାରୁ ଆବେଦନ କରିବାର ସମୟ ସେତେବେଳକୁ ଶେଷ ହୋଇଯାଇଥିଲା (ସେହି ବର୍ଷ ପାଇଁ) ।

ତେବେ ବ୍ୟବସାୟୀ ମହଲରେ ଅସନ୍ତୋଷର ପ୍ରଧାନ କାରଣ ଥିଲା ୮% ବିକ୍ରିକର । ସେମାନଙ୍କର ଯୁକ୍ତି ଥିଲା ଯେ ଏହା ଲାଗୁ ହେବା ଦ୍ୱାରା ଶାଳ ଖଲି / ଦନାର ଦର ବଢ଼ିବ ଯାହା ଫଳରେ ଏଗୁଡ଼ିକର ବିକ୍ରି ହ୍ରାସ ପାଇବ ଏବଂ ବିକ୍ରି କମିଲେ ଶେଷ ପର୍ଯ୍ୟନ୍ତ ପ୍ରାଥମିକ ସଂଗ୍ରହକାରୀ ହିଁ କ୍ଷତିଗ୍ରସ୍ତ ହେବେ ।

ପରିଶେଷରେ ୨୦୦୪ ମସିହାର ଆରମ୍ଭ କାଳରେ ସରକାର ଶାଳ ପତ୍ର ଉପରୁ ବିକ୍ରି କର ପ୍ରତ୍ୟାହାର କରିନେଲେ ।

ଶାଳ ପତ୍ର ଖଲି ପାଇଁ ପ୍ରତିବର୍ଷ ଏକ ନ୍ୟୂନତମ ସଂଗ୍ରହ ମୂଲ୍ୟ ଧାର୍ଯ୍ୟ କରାଯିବାର ବ୍ୟବସ୍ଥା ରହିଛି । ଏହି ମୂଲ୍ୟ ବର୍ଷକୁ ବର୍ଷ ତଥା ଅଞ୍ଚଳ- ଭେଦରେ ଭିନ୍ନ ଭିନ୍ନ ହୋଇପାରେ । ଏହି ଦରରୁ କମ୍ ମୂଲ୍ୟରେ ପ୍ରାଥମିକ ସଂଗ୍ରହକାରୀ ଠାରୁ ଖଲି କିଣାଯିବା ଆଇନତଃ ଅନୁଚିତ ଯଦିଓ ବେପାରୀଙ୍କୁ ଏଥିପାଇଁ ବାଧ୍ୟ କରିବାଭଳି କୌଣସି ବ୍ୟବସ୍ଥା ନାହିଁ । ଅନ୍ୟ ପକ୍ଷରେ, ଏଭଳି ମୂଲ୍ୟ ଧାର୍ଯ୍ୟ କରାଯିବା ବେଳେ ଭିନ୍ନ ଭିନ୍ନ ଆକାରର ଖଲି ପାଇଁ ଭିନ୍ନ ଭିନ୍ନ ଦର ନିର୍ଦ୍ଦିଷ୍ଟ ହେବା କଥା, କିନ୍ତୁ ତା' କରାଯାଏ ନାହିଁ । ତା'ଛଡ଼ା, ଦନା ପାଇଁ କୌଣସି ନ୍ୟୂନତମ ସଂଗ୍ରହ ମୂଲ୍ୟ ଘୋଷଣା କରାଯାଏ ନାହିଁ ।

## ବଜାର ତଥା ବିକ୍ରି ବ୍ୟବସ୍ଥା

ସାଧାରଣ ଖଲି/ଦନା ସିଧାସଳଖ ସ୍ଥାନୀୟ ହାଟ ବା ବଜାରରେ ମଧ୍ୟ ବିକ୍ରି ହୋଇଥାଏ । ତେବେ ଯନ୍ତ୍ର ତିଆରି ଥାଳି / ଦନା ହିଁ ସାଧାରଣତଃ ଅନ୍ୟ ରାଜ୍ୟ (ଉତ୍ତର, ପଶ୍ଚିମ - ତଥା ପୂର୍ବ ଭାରତୀୟ ରାଜ୍ୟ)କୁ ପଠାଯାଇଥାଏ । ରାଜ୍ୟର ମୋଟ ଥାଳି / ଦନା ଉତ୍ପାଦନର ପ୍ରାୟ ୯୦% ଅନ୍ୟ ରାଜ୍ୟକୁ ହିଁ ଯାଇଥାଏ । ଯଦିଓ ବିହାର, ଝାଡ଼ଖଣ୍ଡ, ଛତିଶଗଡ଼ ତଥା ଆନ୍ଧ୍ରରୁ ମଧ୍ୟ ଏଭଳି ଥାଳି / ଦନା ଅନ୍ୟ ରାଜ୍ୟମାନଙ୍କୁ ଆସୁଛି ତଥାପି

ଯେହେତୁ ଓଡ଼ିଶା ଏହି ବ୍ୟବସାୟରେ ଅଗ୍ରଣୀ ଭୂମିକା ନେଇଥିଲା ଏବଂ ଓଡ଼ିଶାର ଉତ୍ପାଦନର ସୁନାମ ରହିଛି, ତେଣୁ ଭାରତୀୟ ଶାଳ ପତ୍ର (ଖଲି/ଦନା) ବଜାରରେ ବିକ୍ରି ହେଉଥିବା ଖଲି / ଦନାର ପ୍ରାୟ ୮୦% ଓଡ଼ିଶାରୁ ଆସିଥାଏ ।

ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ପଳାସ ପତ୍ର ତଥା ଶିଆଳି ପତ୍ରର ଖଲି / ଦନା ଏବଂ କଦଳୀ ପତ୍ରର ବ୍ୟବହାର ଅଧିକ । ଓଡ଼ିଶାରେ ଏବେ ମଧ୍ୟ କଦଳୀ ପତ୍ରର ମର୍ଯ୍ୟାଦା ରହିଛି, କିନ୍ତୁ ବହୁ ପରିମାଣରେ ଏହାକୁ ଯୋଗାଇବା ଭଳି ଉତ୍ପାଦନ ରାଜ୍ୟରେ ହୁଏନାହିଁ । ଆଠମଲ୍ଲିକ ଭଳି ଅଳ୍ପ କେତେକ ଅଞ୍ଚଳରେ ପଦ୍ମ ପତ୍ର ମଧ୍ୟ ବିକ୍ରି ହୋଇଥାଏ । ଏତେ ସବୁ ବିକଳ୍ପ ଥିବା ସତ୍ତ୍ୱେ ଶାଳ ଖଲି ବ୍ୟବସାୟ ଅନେକ ବର୍ଷ ଧରି ବିଶେଷ କ୍ଷତିଗ୍ରସ୍ତ ହୋଇନଥିଲା, କିନ୍ତୁ ଗତ ୪/୫ବର୍ଷରେ କାଗଜ ଥାଳି, ପ୍ଲାଷ୍ଟିକ୍ ଥାଳି ତଥା କୃତ୍ରିମ ଶୋଲ (ଥର୍ମୋକୁଲ)ର ଲୋକପ୍ରିୟତା ଓ ବ୍ୟବହାର ଯେଉଁଭଳି ବୃଦ୍ଧି ପାଇଛି, ତାହା ଶାଳ ପତ୍ର ବ୍ୟବସାୟ ପାଇଁ ଏକ ସଙ୍କଟ ସୃଷ୍ଟି କରିଛି । ଏହି ନୂଆ ବିକଳ୍ପ ଗୁଡ଼ିକ ହୁଏତ ଶସ୍ତା, ନଚେତ ପୁନଃ ବ୍ୟବହାରକ୍ଷମ କିମ୍ବା ଏଗୁଡ଼ିକୁ ବ୍ୟବହାର କରିବା ସୁବିଧା । ସେଥିରେ ପୁଣି ସହରାଞ୍ଚଳରେ "ବଫେ" (ଅତିଥିମାନେ ଥାଳି ଧରି ଖାଇବାର ବ୍ୟବସ୍ଥା)ର ଲୋକପ୍ରିୟତା ମଧ୍ୟ ବଢୁଛି ଏବଂ ସେଥିରେ ପତ୍ର - ଖଲିର ବ୍ୟବହାର ହୁଏନାହିଁ । ଏହି ସବୁ କାରଣରୁ ଶାଳ ପତ୍ର ବ୍ୟବସାୟୀମାନେ ୩୦%ରୁ ୭୦% ପର୍ଯ୍ୟନ୍ତ କ୍ଷତିର ସମ୍ମୁଖୀନ ହୋଇଛନ୍ତି ବୋଲି କୁହନ୍ତି ।

ଏଭଳି ସଙ୍କଟ ସମୟରେ ବିକ୍ରି କର ବସିବା ଯୋଗୁଁ ସମସ୍ୟା ଅଧିକ ଜଟିଳ ହୋଇଥିଲା । କାରଣ ଏହା ଫଳରେ ଖଲି / ଦନା ତିଆରି ହେଉଥିବା ଅନ୍ୟ ଯେଉଁ ରାଜ୍ୟରେ ଶାଳ ପତ୍ର ଉପରେ ବିକ୍ରି କର ନାହିଁ, ସେଠିକାର ଉତ୍ପାଦନ ଆମ, ରାଜ୍ୟର ଉତ୍ପାଦନ ତୁଳନାରେ ଶସ୍ତା ହୋଇଯିବ ଏବଂ ଅଧିକ ବିକ୍ରି ହେବ । ତା'ଛଡ଼ା, ପଶ୍ଚିମବଙ୍ଗ ତଥା ଝାଡ଼ଖଣ୍ଡ ଭଳି ରାଜ୍ୟରେ ଶାଳ ପତ୍ରର ପରିବହନ ପାଇଁ କୌଣସି ପରମିଟ ଦରକାର ହୁଏ ନାହିଁ । ସେଥିପାଇଁ ଓଡ଼ିଶାର କେତେକ ବ୍ୟବସାୟୀ ଅନ୍ୟ ରାଜ୍ୟକୁ ନିଜର ବ୍ୟବସାୟ ଉଠାଇ ନେବାର ବ୍ୟବସ୍ଥା କରିଥିବା ବେଳେ ଅନ୍ୟମାନେ କିଛି ଦିନ ପାଇଁ ବାହାର ରାଜ୍ୟକୁ ଖଲି / ଦନା ପଠାଇବା ବନ୍ଦ କରିଦେଇଥିଲେ । ବିକ୍ରି କର ଉଠିଯିବା ପରେ ଏହି ସମସ୍ୟାର ସମାଧାନ ପ୍ରାୟ ହୋଇଯାଇଛି ।

ଶାଳ ପତ୍ର ବିଭିନ୍ନ ରୂପରେ ବିକ୍ରି ହୋଇଥାଏ, ଯଥା-

**କଞ୍ଚାପତ୍ର:**

ଏହା ପାନ ଦୋକାନ ଆଦିରେ ବ୍ୟବହାର ହୁଏ । ରାଉରକେଲା ହାଟରେ ପ୍ରାୟ ୨୦ଟି ପତ୍ରର ଏକ ବିଡ଼ା ଏକ ଟଙ୍କାରେ ବିକ୍ରି ହୋଇଥିବା ବେଳେ ଦେଓଗଡ଼ରେ ୬୦ଟି ପତ୍ରର ବିଡ଼ା ଦୁଇ ଟଙ୍କାରେ ବିକ୍ରି ହୋଇଥିବାର ଜଣାଯାଇଛି ।

**ଖଲି (ହାତ ସିଲେଇ):**

ଖଲିର ଆକାର ତଥା ମାନ ଅନୁଯାୟୀ ଦର ମଧ୍ୟ ବଦଳିଥାଏ । ବାଂଶପାଳରେ ୨୦ଟି ଛୋଟ ଖଲିର ଦର ପ୍ରାୟ ୨୦ଟଙ୍କା ଥିବା ବେଳେ ସମ୍ବଲପୁରରେ ୪୦ରୁ ୫୦ଟି ଛୋଟ ଖଲି ଥିବା ବିଡ଼ା ମଧ୍ୟ ସେତିକି ଦାମରେ ବିକ୍ରି ହୋଇଥିଲା । କେନ୍ଦୁଝର ଜିଲ୍ଲାର ଗୁପ୍ତଗଙ୍ଗାଠାରେ ବଡ଼ ଖଲିର ଦର ହଜାର ପ୍ରତି ୭୦ଟଙ୍କା ଥିଲା ।

ଏହି ଖଲି ସାଧାରଣତଃ ସମତଳ ହୋଇଥିବାରୁ ତରଳ ଖାଦ୍ୟ ରଖିଲେ ବହିଯାଏ, ତେଣୁ ହେମଗିରି ବ୍ଲକ (ସୁନ୍ଦରଗଡ଼ ଜିଲ୍ଲା)ର ସୁରୁଲତାଠାରେ ଖଲିକୁ ଏଭଳି ସିଲାଇ କରାଯାଏ ଯେ ମଝି ଅଂଶଟି ଖାଲ ପରି ଓ ଧାରଗୁଡ଼ିକ ଉଚ୍ଚରେ ଥିବା ପରି ରହେ । ଏ ପ୍ରକାର ଖଲି ସହକୁ ପ୍ରାୟ ୧୫ଟଙ୍କାରେ ବିକ୍ରି ହୁଏ, କିନ୍ତୁ ଏହାର ବିକ୍ରି ଆଖପାଖ ଗାଁ ଭିତରେ ହିଁ ସୀମିତ କାରଣ ବେପାରୀ ଏହାକୁ କିଣନ୍ତି ନାହିଁ ଏବଂ ଭୋଜିଭାତ ପାଇଁ ସ୍ଥାନୀୟ ଲୋକଙ୍କ ବରାଦ ଅନୁଯାୟୀ ଏହା ତିଆରି ହୁଏ । ଅନ୍ୟ କେତେକ ଅଞ୍ଚଳରେ ମଧ୍ୟ ଏ ଧରଣର ଖଲି ତିଆରି ହେବା ଦେଖାଯାଏ ।

**ଦନା (ହାତ ସିଲେଇ):**

ଏହାର ବିକ୍ରି ଦର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ । ସାଧାରଣତଃ ହାତ ତିଆରି ଦନାର ବ୍ୟାସ ୫ଇଞ୍ଚ ମଧ୍ୟରେ ହୋଇଥାଏ ଏବଂ ଏହା ଶହ ପ୍ରତି ୬ଅଥବା ୭ଟଙ୍କା ଦରରେ ବିକ୍ରି ହୋଇଥାଏ । ବାଂଶପାଳ ହାଟରେ ବିକ୍ରି ହେଉଥିବା (ମାଛପନ୍‌ଗା)ର ଦର ୨୦ଖଣ୍ଡକୁ ୨ଟଙ୍କା ଥିଲା ବେଳେ ସୁନ୍ଦରଗଡ଼ ଜିଲ୍ଲାର ତୁଡୁକାର ଗୁପ୍‌ଚୁପ୍ ଦୋକାନୀ ପ୍ରାୟ ୨.୫ ଇଞ୍ଚ ବ୍ୟାସର ଛୋଟ ଦନାରୁ ଶହ ପ୍ରତି ୧୫ଟଙ୍କା ହିସାବରେ କିଣିଥିବାର ଜଣାଯାଇଛି ।

**ଖଲି/ଥାଳି(ଯନ୍ତ୍ରପ୍ରସ୍ତୁତ):**

ଆକାର ତଥା ଅଠାରୂପେ ଦିଆଯାଇଥିବା ଜରିର ପରିମାଣ/ଆକାର ଅନୁଯାୟୀ ଏହାର ଦରରେ ପାର୍ଥକ୍ୟ ରହେ । ଉଦାହରଣ ସ୍ୱରୂପ, ବେଡନଟୀର ଜଣେ ବ୍ୟବସାୟୀ

୧୧ଇଞ୍ଚ ବ୍ୟାସର ଥାଳି କିଣିବା ପାଇଁ ଶହ ପ୍ରତି ୨୫ ଟଙ୍କା (ଯଦି ୮ ଇଞ୍ଚ ଜରି ଲାଗିଥାଏ) ଏବଂ ୨୨ ଟଙ୍କା (ଯଦି ୪ଇଞ୍ଚ ଜରି ଲାଗିଥାଏ) ଦେବାପାଇଁ ପ୍ରସ୍ତୁତ ଥିବାର ଜଣାଯାଇଥିଲା ।

## ଚାପା ଦନା (ଯନ୍ତ୍ରପ୍ରସ୍ତୁତ):

ଆକାର (ବ୍ୟାସ) ଅନୁଯାୟୀ ଏହାର ଦର ମଧ୍ୟ ବଦଳି ଥାଏ । ବସ୍ତା ସହରର ଜଣେ ବ୍ୟବସାୟୀ ୪ଇଞ୍ଚ ଓ ୬ଇଞ୍ଚ ବ୍ୟାସର ଦନାକୁ ୨୧୦୦ ଖଣ୍ଡ ପ୍ରତି ଯଥାକ୍ରମେ ୧୧୦ ଓ ୧୪୦ ଟଙ୍କା ଦେବାପାଇଁ ପ୍ରସ୍ତୁତ ଥିବାର ଜଣାଯାଇଥିଲା ।

ଶାଳ ପତ୍ର ବ୍ୟବସାୟ ଅଞ୍ଚଳ ଭେଦ ତଥା ଚାହିଦା ଭେଦରେ ଭିନ୍ନ ଭିନ୍ନ ହୋଇପାରେ । ଉଦାହରଣସ୍ୱରୂପ, ଅନେକ ଅଞ୍ଚଳ ରହିଛି ଯେଉଁଠି ଶାଳ ପତ୍ର ଥିଲେ ବି ଖଲି/ଦନା ତିଆରି ଯନ୍ତ୍ର ବସିବ ନାହିଁ କାରଣ ସେଭଳି ଜିନିଷ ସେଠଅରେ ତିଆରି ହେଲେ ବିକ୍ରି ହୋଇ ପାରିବ କି ନାହିଁ, ସେ ବିଷୟରେ ସନ୍ଦେହ ଥାଏ ଯେହେତୁ ଓଡ଼ିଶାର ଗ୍ରାମାଞ୍ଚଳରେ ଅଧିକାଂଶତଃ ହାତ ସିଲେଇ ଖଲିର ହିଁ ବ୍ୟବହାର ହୁଏ । କେଉଁଠି ଲୋକେ କେବଳ ଖଲି ସିଲେଇ କରନ୍ତି କାରଣ ଦନା ପାଇଁ ବରାଦ ନଥାଏ ।

ବେପାରୀ ନ ଆସିବା ଯୋଗୁଁ କେନ୍ଦୁଝର ନିକଟବର୍ତ୍ତୀ ହାତୀଶିଳା ଗାଁ'ର ଗରିବ ଜୁଆଙ୍ଗମାନେ ତିଆରି କରିଥିବା ବହୁ ପରିମାଣର ଖଲି ୨୦୦୨-୦୩ ମସିହାରେ ବିକ୍ରି ହୋଇନପାରି ନଷ୍ଟ ହୋଇଗଲା । ଶିମିଳିପାଳ ଅଭୟାରଣ୍ୟର କେତେକ ଆଭ୍ୟନ୍ତରୀଣ ଅଞ୍ଚଳରେ ଲୋକେ ଶାଳ ଖଲି ତିଆରି କରୁନାହାଁନ୍ତି କାରଣ ସେମାନେ ଜାଣିଛନ୍ତି ଯେ ଖଲି କିଣିବାପାଇଁ ବେପାରୀଙ୍କ ଗାଡ଼ି ଆସିବା ଲାଗି ଅଭୟାରଣ୍ୟ କର୍ତ୍ତୃପକ୍ଷ ଅନୁମତି ଦେବେ ନାହିଁ ।

ଖଲି / ଦନା କାରବାରରେ ବେପାରୀଙ୍କ ଲାଭର ପରିମାଣ ସବୁ ଜାଗାରେ ସମାନ ନଥାଏ । କେଉଁଠି ଏହା ୨୫% ହୋଇପାରେ ତ ପୁଣି କେଉଁଠି ୫୫% । ବିବାହ ଋତୁରେ ଖଲି/ଦନାର ଚାହିଦା ବଢ଼ିବା ଯୋଗୁଁ ଦର ମଧ୍ୟ ବଢ଼ିଥାଏ, କିନ୍ତୁ ଏଭଳି ସମୟ ମଧ୍ୟ ଆସେ ଯେତେବେଳେ ପୁରୁଣା ଖଲି/ଦନାକୁ କିଣା ଦାମ ଅଥବା ତା'ଠାରୁ ମଧ୍ୟ କମ୍‌ରେ ବିକ୍ରି କରିବାକୁ ପଡ଼େ ।

## ଗରିବ ଲୋକଙ୍କ ଜୀବିକାରେ ଶାଳ ପତ୍ରର ଗୁରୁତ୍ୱ

ସମ୍ବାଦପତ୍ର ଗୁଡ଼ିକରେ ପ୍ରକାଶିତ ତଥ୍ୟ ଅନୁଯାୟୀ ମୟୂରଭଞ୍ଜ, କେନ୍ଦୁଝର ତଥା ବାଲେଶ୍ୱର ଜିଲ୍ଲାରେ ପ୍ରାୟ ୨୫ ଲକ୍ଷ ଲୋକ ଶାଳ ପତ୍ର ବ୍ୟବସାୟରୁ ପ୍ରତ୍ୟକ୍ଷ ବା

ପରୋକ୍ଷ ଭାବେ ଜୀବିକା ନିର୍ବାହ କରୁଥିବା ବେଳେ ନୟାଗଡ଼ ଜିଲ୍ଲାରେ ପ୍ରାୟ ୪୦,୦୦୦ ପରିବାର ଏହା ଉପରେ ନିର୍ଭର କରିଥା'ନ୍ତି । ଅନ୍ୟ ଏକ ହିସାବ ଅନୁଯାୟୀ ଶାଳ ପତ୍ର କାରବାରକୁ ରାଜ୍ୟରେ ଯଦି ପ୍ରୋତ୍ସାହିତ ତଥା ସୁନିୟୋଜିତ କରାଯାଏ, ତେବେ ପ୍ରାୟ ୫୦ ଲକ୍ଷ ଲୋକ ବର୍ଷକୁ ୧୦୦ ଦିନ ଏଥିରୁ ରୋଜଗାରର ସୁଯୋଗ ପାଇବେ (ସମାଜ, ତା ୨୬.୧୨.୦୧ ଏବଂ ୧୭.୧୧.୦୨) ।

ରାଜ୍ୟରେ ଅନେକ ଆଦିବାସୀ ଅଞ୍ଚଳ ରହିଛି ଯେଉଁଠି ଶାଳ ପତ୍ରର ଖଲି / ଦନା ତିଆରି କରାଯାଏ, ମାତ୍ର ବ୍ୟବସାୟ ପାଇଁ ନୁହେଁ । ଉଦାହରଣ ସ୍ୱରୂପ, ସୁନ୍ଦରଗଡ଼ ଜିଲ୍ଲାର ଗୁରୁଣ୍ଡିଆ ଅଞ୍ଚଳରେ ପ୍ରଥା ରହିଛି ଯେ ଗାଁ'ରେ କାହାଘରେ ଭୋଜିଭାତ ହେଲେ ଗାଁର ପ୍ରତି ପରିବାର ଆବଶ୍ୟକ ସଂଖ୍ୟାରେ ଖଲି ଓ ଦନା ତିଆରି କରି ସେଠାକୁ ନେବେ । କେତେ ସଂଖ୍ୟାରେ ଖଲି / ଦନା କରାଯିବ, ତାହା ଗାଁ' ଭିତରେ ହିଁ ସ୍ଥିର କରାଯାଏ ଏବଂ ଗୋଟିଏ ଗାଁ'ରେ ଏହା ଘର ପ୍ରତି ୧୫୦ ଖଲି ଓ ୧୫୦ ଦନା ହିସାବରେ ନିର୍ଦ୍ଦିଷ୍ଟ କରାଯାଇଥିଲା । ଗ୍ରାମବାସୀ ବିନା ପାରିଶ୍ରମିକରେ ଖୁସି ମନରେ ଏସବୁ ଯୋଗାଇଥା'ନ୍ତି ଏବଂ ଯେହେତୁ ଆଦିବାସୀ ଅଞ୍ଚଳରେ ଅନେକ ଭୋଜିଭାତ ତିନି / ଚାରିଦିନ ଧରି ଚାଲେ, ତେଣୁ ଏତେ ପରିମାଣର ଖଲି / ଦନା କାମରେ ଲାଗିଥାଏ ।

ଆଉ କେତେକ ଅଞ୍ଚଳରେ ଶାଳ ପତ୍ରକୁ ସିଧାସଳଖ ଅଥବା ଖଲି / ଦନା ରୂପେ ବିକ୍ରି କରାଯାଉଥିଲେ ମଧ୍ୟ ବ୍ୟବସାୟ ଏତେ ସୀମିତ ପରିମାଣର ହୋଇଥାଏ ଯେ ମୋଟ ବାର୍ଷିକ ଆୟର ମାତ୍ର ୨୦ ପ୍ରତିଶତ, ଏପରିକି ସ୍ଥଳ ବିଶେଷରେ ତା' ଅପେକ୍ଷା କମ୍ ମଧ୍ୟ, ଏଥରୁ ଆସିଥାଏ ।

କିନ୍ତୁ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ତଥା ନୟାଗଡ଼ ଭଳି ଅଞ୍ଚଳରେ ଶାଳ ପତ୍ର ଏକ ମୁଖ୍ୟ ବ୍ୟବସାୟ ଏବଂ ଗରିବ ପରିବାରମାନେ ମୋଟ ବାର୍ଷିକ ଆୟର ପ୍ରାୟ ୪୦ ରୁ ୬୦% ଏଥିରୁ ପାଇଥା'ନ୍ତି ।

ପ୍ରକ୍ରିୟାକରଣର ଅଭାବ, ଉପଯୁକ୍ତ ବଜାରର ଅଭାବ, ତଥା ବେପାରୀଙ୍କ ଶୋଷଣ ଯୋଗୁଁ ଅନେକ ଗରିବ ପରିବାର ନିଜ ପରିଶ୍ରମର ଯଥାଯଥ ମୂଲ୍ୟ ପାଇପାରିନଥା'ନ୍ତି । ତେଣୁ ତେକେତ ଅଞ୍ଚଳରେ ସରକାରୀ ସଂସ୍ଥା ଅଥବା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଏମାନଙ୍କ ସହାୟତା ପାଇଁ ଆଗେଇ ଆସିଛନ୍ତି । ଭାରତ ସରକାରଙ୍କ ଏକ ସଂସ୍ଥା "ଟ୍ରାଇଫେଡ଼" ମଧ୍ୟ ଜୈବବସ୍ତୁ ଦ୍ୱାରା ଚାଲୁଥିବା ଖଲି ତିଆରି ଯନ୍ତ୍ରମାନ କେତେକ ଜିଲ୍ଲାରେ ଦେବାପାଇଁ ଯୋଜନା କରିଥିବାର ଜଣାପଡ଼ିଛି ।

ରାଜ୍ୟରେ ଅନେକ ଆଦିବାସୀ ଅଞ୍ଚଳରେ ଶାଳଜଙ୍ଗଲ ସହିତ ଲୋକଙ୍କର ଏକ

ଧାର୍ମିକ ତଥା ସାଂସ୍କୃତିକ ସମ୍ବନ୍ଧ ରହିଛି ଏବଂ ସେମାନେ ଛୋଟ ଛୋଟ ଜଙ୍ଗଲକୁ "ଶାଳ", "ସାରନା" ଅଥବା "ଜାହିରା" ନାମରେ ପୂଜା କରିଥା'ନ୍ତି। ଏଭଳି ପୂଜା ପାଉଥିବା ଜଙ୍ଗଲରୁ ପତ୍ର ଆଦି ଆଣିବା ନିଷିଦ୍ଧ। ଗଛରେ ଆସିଥିବା ନୂଆପତ୍ରକୁ ତୋଳିବା ପୂର୍ବରୁ ଏହି "ଶାଳ" ବା "ସାରନା" ଠାରେ ପୂଜା ପ୍ରାର୍ଥନା କରାଯାଇଥାଏ, ଯେପରିକି ପତ୍ରର ଅମଳ ଭଲ ହେବ। ଏଇଭଳି ପାରମ୍ପରିକ ତଥା ସାଂସ୍କୃତିକ ସମ୍ବନ୍ଧ ଅନେକ ଅଞ୍ଚଳରେ ଶାଳ ଜଙ୍ଗଲଗୁଡ଼ିକୁ ରକ୍ଷା କରିବାରେ ସାହାଯ୍ୟ କରିଛି ବୋଲି କେତେକ ମତ ଦିଅନ୍ତି।

ଶାଳ ପତ୍ର ଶିଳ୍ପର ବିକାଶ ହେଲେ ଗ୍ରାମର ପଛୁଆବର୍ଗର ଲୋକଙ୍କ ହାତକୁ ବର୍ଷସାରା କାମ ମିଳିପାରିବ। ପ୍ଲାଷ୍ଟିକ, ଥରମୋକଲ ତଥା ପଲିଥିନର ବହୁଳ ବ୍ୟବହାର ବର୍ତ୍ତମାନ ପରିବେଶ ଦୂଷିତ କରିବାର ମୁଖ୍ୟ କାରଣ ଭାବରେ ଦେଖାଦେଇଛି। ତେଣୁ ଏହାକୁ ରୋକାଯାଇ ପରିବେଶ ପରିପୂରକ ଶାଳ ପତ୍ର ଖଲିର ବହୁଳ ବ୍ୟବହାର ନିଶ୍ଚିତ ରୂପେ ପ୍ରଦୂଷଣକୁ ରୋକିବାରେ ସାହାଯ୍ୟ କରିବ। ମାଟିରେ ପଡ଼ି ଏହା ଖୁବ୍ ଶୀଘ୍ର ସେଥି ସହିତ ଏହା ମିଶିଯାଇ ପାରେ ଓ ପଲିଥିନ ପରି ପରିବେଶ ପ୍ରତି ପ୍ରତିକୂଳ ପ୍ରଭାବ ନ ପକାଇ ବରଂ ମାଟିର ଉର୍ବରତାକୁ ବଢ଼ାଇଥାଏ।

ଗ୍ରାମାଞ୍ଚଳର ଆର୍ଥିକ ସ୍ଥିତିକୁ ମଜଭୁତ କରିବା ନିମନ୍ତେ ଏଭଳି କୁଟୀରଶିଳ୍ପ ପ୍ରୋତ୍ସାହନ ଅତ୍ୟାବଶ୍ୟକ। ଏହି ଦିଗରେ ଏକ ଅନୁକୂଳ ପଦକ୍ଷେପର ଉଦାହରଣ ଭାରତୀୟ ରେଳ ବିଭାଗ ଯାତ୍ରୀମାନଙ୍କ ଖାଦ୍ୟ, ପାନୀୟ ନିମନ୍ତେ ଭିନ୍ନ ଏକ ଶୈଳୀକୁ ଆପଣେଇଛନ୍ତି। ପ୍ଲାଷ୍ଟିକ ପାତ୍ର ବଦଳରେ ପାନୀୟ ନିମନ୍ତେ ମାଟି "ଗ୍ଲାସ ଓ କପ୍‌ର" ପ୍ରଚଳନ କରାଯାଇଛି। ରେଳରେ ଯାତ୍ରୀଙ୍କ ପାଇଁ ବ୍ୟବହାର କରାଯାଉଥିବା ଚାଦର ଓ ପରଦା ପାଇଁ ମଧ୍ୟ ହସ୍ତତନ୍ତ ଲୁଗାର ବ୍ୟବହାର କରାଯାଉଛି। ଏହା କିଛିକାଂଶରେ ଗ୍ରାମୀଣ କୁମ୍ଭାର ତଥା ବୁଣାକାରଙ୍କୁ ଲାଭ ପହଞ୍ଚାଇ ପାରିଛି। ଠିକ୍ ସେହିଭଳି ଖାଦ୍ୟ ପରିବେଷଣ ନିମନ୍ତେ ପ୍ଲାଷ୍ଟିକ ବା ପଲିଥିନ୍‌ର ବ୍ୟବହାରକୁ ବନ୍ଦ କରି ଯଦି ଏହି ଶାଳ ପତ୍ର ଅଥବା ଶିଆଳି ପତ୍ରର ଖଲିକୁ ବ୍ୟବହାର କରାଯାଇ ପାରିବ ତେବେ ଆହୁରି ଅନେକ ସଂଗ୍ରହକାରୀଙ୍କୁ ଆୟର ଏକ ସୁନିଶ୍ଚିତ ମାଧ୍ୟମ ମିଳି ପାରିବ। କାରଣ ଏହି ଶିଳ୍ପର ଉତ୍ପାଦିତ ସାମଗ୍ରୀ ପାଇଁ ବର୍ଷସାରା ଏକ ସ୍ଥାୟୀ ବଜାରର ଆବଶ୍ୟକତା ରହିଛି।

## ମହିଳାଙ୍କ ଭୂମିକା

ଶାଳ ପତ୍ରର ସଂଗ୍ରହଠାରୁ ଆରମ୍ଭ କରି ଖଲି ସିଲେଇ ତଥା ହାଟକୁ ନେଇ ବିକ୍ରି କରିବା ପର୍ଯ୍ୟନ୍ତ ସମସ୍ତ କାମ ସାଧାରଣତଃ ମହିଳାମାନେ କରିଥା'ନ୍ତି ଏବଂ ପୁରୁଷମାନେ ଏଥିରେ ସମାନ ଯୋଗଦାନ କରିଥା'ନ୍ତି ଯଦି ସେମାନଙ୍କର ଅନ୍ୟ କାମ ନଥାଏ।

ଘର କାମ ଭିତରେ ହିଁ ଖଲି ସିଲେଇ କାମ କରିଥାଏ, ତେଣୁ କେବଳ ପତ୍ରର ସଂଗ୍ରହ, ଶୁଖାଇବା ଅଥବା ବିକ୍ରି ପାଇଁ ହିଁ ବାହାରକୁ ଯିବାକୁ ପଡ଼େ । କେତେକ ଅଞ୍ଚଳରେ ଖଲି ବିକ୍ରିରୁ ଆସୁଥିବା ଟଙ୍କାକୁ ମହିଳାମାନେ ପରିବାର ଚଳାଇବା ପାଇଁ ଉପଯୋଗ କରୁଥିବା ବେଳେ ଆଉ କେତେକ ଅଞ୍ଚଳରେ ସେମାନେ ଏହି ଟଙ୍କାକୁ ନିଜର ସୌଖୀନ ସାମଗ୍ରୀ (ସାବୁନ, ତେଲ ଇତ୍ୟାଦି) କିଣିବା ପାଇଁ ବ୍ୟବହାର କରିଥା'ନ୍ତି (ଯେଉଁମାନଙ୍କ ପରିବାର ଏହି ବ୍ୟବସାୟ ଉପରେ ବିଶେଷ ନିର୍ଭରଶୀଳ ନଥାଏ) । ଗୁରୁଣ୍ଡିଆର କେତେକ ଅଞ୍ଚଳରେ ମହିଳାମାନେ ଶାଳ ପତ୍ର ଓ ଶିଆଳି ପତ୍ରର ସୁବିନିଯୋଗ ଦ୍ୱାରା ପରିବାରକୁ ସହାୟତା କରିଥାନ୍ତି । ମହିଳାମାନଙ୍କର ଏହି ନିଜସ୍ୱ କଳାକୁ ପ୍ରୋତ୍ସାହନ ତଥା ବଜାର ବ୍ୟବସ୍ଥାକୁ ସୁନିଶ୍ଚିତ କରିବାର ଆବଶ୍ୟକତା ରହିଛି, ଏହା ହୋଇପାରିଲେ ବହୁ ଗରୀବ ପରିବାର ଉପକୃତ ହୋଇପାରନ୍ତେ ।

**ଖଲିଦନା ପ୍ରସ୍ତୁତି ଶିଳ୍ପ**

**ଓଡ଼ିଶାର ଅଧିକାଂଶ ବନବାସୀମାନେ ଜୀବିକା ନିର୍ବାହ ପାଇଁ ଖାଦ୍ୟ, ବାସଗୃହ ଇତ୍ୟାଦି ପାଇଁ ଜଙ୍ଗଲଜାତ ସାମଗ୍ରୀ ଉପରେ ନିର୍ଭରଶୀଳ ଏବଂ ଜଙ୍ଗଲରୁ ଆବଶ୍ୟକତା ଅନୁଯାୟୀ ବନଜାତ ପଦାର୍ଥ ସଂଗ୍ରହ କରନ୍ତି । ଏହି ଜଙ୍ଗଲଜାତ ଦ୍ରବ୍ୟଗୁଡ଼ିକ ମଧ୍ୟରୁ ଶାଳପତ୍ର ଓ ଶିଆଳିପତ୍ର ଅନ୍ୟତମ । ବିଶେଷକରି ଶାଳପତ୍ର ଓ ଶିଆଳିପତ୍ରଗୁଡ଼ିକରୁ ନିର୍ମିତ ଖଲିଦନା ଆମର ବିବାହ, ବ୍ରତ ଓ ଯାନିଯାତ୍ରା ଇତ୍ୟାଦିରେ ଅତ୍ୟନ୍ତ ଦରକାରୀ । ଏହି ଖଲିଦନା ପ୍ରସ୍ତୁତି ଏକ କ୍ଷୁଦ୍ର ତଥା କୁଟୀରଶିଳ୍ପ ହିସାବରେ ନିକଟସ୍ଥ ଅଞ୍ଚଳରେ ସ୍ଥାପନ କରାଯାଇପାରିବ । ଏହାଦ୍ୱାରା ବେକାର ଯୁବକ ଯୁବତୀମାନଙ୍କୁ ରୋଜଗାର ମିଳିବା ସଙ୍ଗେ ସଙ୍ଗେ ଶାଳପତ୍ର ଓ ଶିଆଳିପତ୍ରର ପ୍ରାଥମିକ ସଂଗ୍ରହକାରୀ ମାନେ ମଧ୍ୟ ସଠିକ୍ ମୂଲ୍ୟ ପାଇପାରିବେ । ଆସନ୍ତୁ, ଖଲିଦନା ଶିଳ୍ପ ବିଷୟରେ କିଛି ଜାଣିବା :**

| | | |
|---|---|---|
| ଶିଳ୍ପର ନାମ | : | ଖଲିଦନା ପ୍ରସ୍ତୁତି ଶିଳ୍ପ |
| ବସାଇବାର ସ୍ଥାନ | : | ଯେକୌଣସି ଗାଁ / ସହର ଅଞ୍ଚଳରେ ଯେଉଁଠି ନିକଟରେ ଶାଳ, ଶିଆଳିତ୍ର ବହୁପରିମାଣରେ ମିଳିପାରିବ । |
| କଞ୍ଚାମାଲ | : | ଶିଆଳିପତ୍ର, ଶାଳପତ୍ର, ପତଳା ଦଉଡି, ପତଳା କାଠି |
| କାର୍ଯ୍ୟଦିବସ | : | ବର୍ଷକୁ ହାରାହାରି ୨୦୦ ଦିନ |
| ବିଜୁଳି ଶକ୍ତି | : | ବିଦ୍ୟୁତ ଚାଳିତ ମେସିନ ବ୍ୟବହାର କରିବା ପାଇଁ ବିଦ୍ୟୁତ ଶକ୍ତିର ଆବଶ୍ୟକତା ଅଛି । ଯେଉଁ ଅଞ୍ଚଳରେ ବିଦ୍ୟୁତର |

| | | |
|---|---|---|
| | | ସୁବିଧା ନାହିଁ ସେଠାରେ ବିନା ବିଦ୍ୟୁତରେ ଚାଳିତ ମେସିନ ବ୍ୟବହାର କରାଯାଇ ପାରିବ। |
| ମେସିନ ଚାଳନା | : | ଏହି ପ୍ରେସ୍ ଖଲି ମେସିନ୍, ମୋଟର, ପାଦରେ କିମ୍ବା ହାତରେ ଚଳାଯାଇପାରେ। |
| ଉତ୍ପାଦିତ ସାମଗ୍ରୀ | : | ପ୍ରେସ୍ ଥାଳି, ଦନା, ଟ୍ରେ ଇତ୍ୟାଦି |
| ପୁଞ୍ଜି ବିନିଯୋଗ | : | ଗୋଟିଏ ୟୁନିଟ୍ ତଥା ଗୋଟିଏ ମେସିନ ଚଳାଇବା ପାଇଁ ପ୍ରାୟ ଟ. ୨୫୦୦୦/-ରୁ ଟ. ୩୦୦୦୦/- ଟଙ୍କାର ଆବଶ୍ୟକତା ହୋଇଥାଏ। ଏହି ମୂଲ୍ୟରେ ମେସିନର ମୂଲ୍ୟ ଯୋଡ଼ାଯାଇ ନାହିଁ। ବଜାରରେ ବିଭିନ୍ନ ପ୍ରକାରର ମେସିନ ମିଳୁଅଛି। ବିଭିନ୍ନ ମେସିନ୍‌ର ଦାମ୍ ଅଲଗା ଅଲଗା ଅଟେ। ମେସିନ୍‌ର ମୂଲ୍ୟକୁ ଛାଡ଼ି ଅନ୍ୟ ସମସ୍ତ ଖର୍ଚ୍ଚ ପାଇଁ ପ୍ରାୟ ଟ. ୨୫୦୦୦/-ରୁ ଟ. ୩୦୦୦୦/- ଆବଶ୍ୟକ ହୋଇଥାଏ। |
| ଲାଭାଂଶ | : | ଏହି ଶିଳ୍ପରେ ଶତକଡ଼ା ୩୦% ଲାଭ ହୋଇଥାଏ। ଅର୍ଥାତ୍ ଆମେ ଯଦି ଟ. ୩୦୦୦୦/- ପୁଞ୍ଜି ଲଗାଇବା ତାହେଲେ ସମସ୍ତ ଖର୍ଚ୍ଚ ଛାଡ଼ି ଟ. ୯୦୦୦/- ଲାଭ ପାଇପାରିବା। |

ଯଦି ଆପଣ ଏହି ଶିଳ୍ପ ବସାଇବାକୁ ଇଚ୍ଛୁକ ତେବେ ବୈଷୟିକ ଓ ବଜାର ସମ୍ବନ୍ଧୀୟ ତଥ୍ୟ ପାଇଁ ନିମ୍ନଠିକଣାରେ ଯୋଗାଯୋଗ କରନ୍ତୁ।

**ରୁରାଲ୍ ରିସୋର୍ସ ସେଣ୍ଟର, ସେବକ**

ଗ୍ରା/ପୋ : ବନ୍ଧପାଲି, ଭାୟା : ରଙ୍ଗାଢିପା,

ଜିଲ୍ଲା : ସୁନ୍ଦରଗଡ଼ - ୭୭୦୦୦୨ (ଓଡ଼ିଶା)

ଫୋନ୍ : ୦୬୬୨୨ - ୨୧୧୭୬୩